# ଗୋବଧ ନିଷେଧ ପାଇଁ ଆଇନ୍ ପ୍ରଣୟନ - କେତେଦୂର ଯୁକ୍ତିଯୁକ୍ତ ?

## ଗୋହତ୍ୟା ପ୍ରସଙ୍ଗ ଏବେ ନୁହେଁ

ଲକ୍ଷ୍ମଣାନନ୍ଦ ଏବଂ ତାଙ୍କର ଚାରି ସହଯୋଗୀଙ୍କୁ ଜନ୍ମାଷ୍ଟମୀ ରାତ୍ରିରେ ଅଜଣା ଦୁର୍ବୃତ୍ତଙ୍କ ଦ୍ୱାରା ହତ୍ୟା ଘଟଣାର ସି.ବି.ଆଇ. ତଦନ୍ତ ପାଇଁ ଖ୍ରୀଷ୍ଟିୟାନ୍ ଅନୁଷ୍ଠାନସମୂହ ସମେତ ପ୍ରାୟ ସବୁ ରାଜନୈତିକ ଦଳ ଏବଂ ସିଭିଲ୍ ସୋସାଇଟି ସଂଗଠନମାନେ ସରକାରଙ୍କ ଠାରେ ଦାବୀ କରୁଥିବା ବେଳେ, ବି.ଜେ.ପି. ସହିତ ଏହାର ସହୋଦରୀ ହିନ୍ଦୁତ୍ୱବାଦୀ ସଂସ୍ଥାମାନେ କାହିଁକି ଯେ ଏହି ଦାବୀକୁ ଅନ୍ଧଭାବେ ବିରୋଧ କରୁଛନ୍ତି, ତାହାର ରହସ୍ୟ ଜଣାପଡୁନି । ଇତିମଧ୍ୟରେ ବି.ଜେ.ଡି. ତା'ର ସହଯୋଗୀ ଦଳକୁ ଖୁସି କରିବା ପାଇଁ ନିଜେ ମଧ୍ୟ ସି.ବି.ଆଇ. ତଦନ୍ତ ଦାବୀକୁ ଉପେକ୍ଷା କରିଚାଲିଛି ଏବଂ କେବଳ ଲୋକମତ ଚାପରେ ସଦ୍ୟ ଅବସରପ୍ରାପ୍ତ ଲୋକପାଳ ଜଷ୍ଟିସ୍ ଶରତ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଏକ ବିଚାର-ବିଭାଗୀୟ ତଦନ୍ତ କରାଇବେ ବୋଲି ଘୋଷଣା କରିଛନ୍ତି । ଜଷ୍ଟିସ୍ ମହାପାତ୍ର ଏହି ଦାୟିତ୍ୱ ଗ୍ରହଣ କଲାପରେ ତଦନ୍ତ ଦେଢବର୍ଷ ଲାଗିବ ବୋଲି କହିସାରିଲେଣି । ଲକ୍ଷ୍ମଣାନନ୍ଦ ହତ୍ୟା ଏବଂ ପରେପରେ ରାଜ୍ୟସାରା ଅଗଣିତ ସଂଖ୍ୟାଲଘୁ ଖ୍ରୀଷ୍ଟୀୟାନ୍‌ମାନଙ୍କ ଉପରେ ସର୍ବାତ୍ମକ ଆକ୍ରମଣ ଏଭଳି ମର୍ମସ୍ପର୍ଶୀ ଘଟଣା ଯେ, ଯଦି ଖୁବ୍ ଶୀଘ୍ର ଉଭୟ ଘଟଣାର ଅପରାଧୀମାନଙ୍କୁ ଦଣ୍ଡବିଧାନ କରାନଯାଏ, ତେବେ ବର୍ତ୍ତମାନର ସାଂପ୍ରଦାୟିକ ଉତ୍ତେଜନା ଆପାତ ଦୃଷ୍ଟିରେ ଥମିଗଲେ ବି ଭିତରେ ଭିତରେ କୁହୁଳି ରହିବ ଏବଂ ପୁଣି ନିକଟ ଭବିଷ୍ୟତରେ ଯେ କୌଣସି ମୁହୂର୍ତ୍ତରେ ବିସ୍ଫୋରିତ ହୋଇପଡିବ । କିନ୍ତୁ ବିସ୍ମୟର କଥା, ହିନ୍ଦୁତ୍ୱବାଦୀମାନେ ନିଜେ ହୁଏତ୍ ଚାହୁଁନାହାନ୍ତି, ଲକ୍ଷ୍ମଣାନନ୍ଦଙ୍କ ଆତତାୟୀଗଣ ଶୀଘ୍ର ଧରାପଡନ୍ତୁ ଏବଂ ଅଦାଲତ ସେମାନଙ୍କର ବିଚାର କରୁ । ଠିକ୍ ଯେମିତି କିଛିବର୍ଷ ତଳେ ଖ୍ରୀଷ୍ଟୀୟାନ୍ ମିସ୍‌ନାରୀ ଗ୍ରାହାମ୍ ଷ୍ଟେନ୍ ଓ ତାଙ୍କର ଦୁଇସନ୍ତାନଙ୍କୁ ଜୀବନ୍ତ ଦଗ୍ଧ କରିବା ଘଟଣାକୁ ସି.ବି.ଆଇ. ଦ୍ୱାରା ତଦନ୍ତ କରାଯିବା ପରେ ଅପରାଧୀମାନଙ୍କୁ ଧରାଯାଇ ସେମାନଙ୍କୁ ଅଦାଲତ ଦ୍ୱାରା ଦଣ୍ଡବିଧାନର ପ୍ରକ୍ରିୟା ଅନୁସୃତ ହୋଇଥିଲା, ସେହି ପ୍ରକ୍ରିୟା ଲକ୍ଷ୍ମଣାନନ୍ଦ ହତ୍ୟା ଘଟଣାରେ ପ୍ରୟୋଗ କଲେ ଅସୁବିଧା କେଉଁଠି ଅଛି ? ମନେହୁଏ, ହିନ୍ଦୁତ୍ୱବାଦୀମାନେ ଲକ୍ଷ୍ମଣାନନ୍ଦ ହତ୍ୟାକାରୀଙ୍କୁ ଧରିବା ପରିବର୍ତ୍ତେ ଲକ୍ଷ୍ମଣାନନ୍ଦଙ୍କ ହତ୍ୟାକୁ ଆଳ କରି ଆଗାମୀ ନିର୍ବାଚନ ଦୃଷ୍ଟିରୁ ସେମାନଙ୍କର ନିଜସ୍ୱ ରାଜନୈତିକ ଏଜେଣ୍ଡାକୁ ଗୁରୁତ୍ୱ ଦେବାକୁ ବେଶୀ ଆଗ୍ରହୀ । ସେହି ଏଜେଣ୍ଡା ହେଲା, ଧର୍ମାନ୍ତରୀକରଣ ଓ ଗୋବଧକୁ ନିଷେଧ କରି ଆଇନ୍ ପ୍ରଣୟନ । ଏଠାରେ ଉଲ୍ଲେଖନୀୟ ଯେ, ସମ୍ବିଧାନର ଧାରା ୨୫ ଅନୁଯାୟୀ ଯେ କୌଣସି ଧର୍ମକୁ ଗ୍ରହଣ, ଆଚରଣ ଓ ପ୍ରସାରଣ କରିବାର ମୌଳିକ ଅଧିକାର ପ୍ରତି ନାଗରିକର ରହିଛି ଏବଂ ବେଆଇନ୍ ଢଙ୍ଗରେ ସମ୍ଭାବ୍ୟ ଧର୍ମାନ୍ତରୀକରଣକୁ ରୋକିବା ପାଇଁ ଆମ ରାଜ୍ୟରେ ଓଡିଶା ଧାର୍ମିକ ସ୍ୱାଧୀନତା ଆଇନ୍ ୧୯୬୭ ଓ ନିୟମାବଳୀ ୧୯୮୯ ଭଳି ଅତି ସୁନ୍ଦର ବିଧିବିଧାନ ବଳବତ୍ତର ରହିଛି । ସୁତରାଂ ଧର୍ମାନ୍ତରୀକରଣକୁ ନେଇ ଆଉ ନୂଆ ଆଇନ୍ ପ୍ରଣୟନର କୌଣସି ଆବଶ୍ୟକତା ନାହିଁ । ବର୍ତ୍ତମାନ ଆମେ ଆଲୋଚନା କରିବା ଦ୍ୱିତୀୟ ଏଜେଣ୍ଡା, ଗୋବଧ ନିଷେଧ ପାଇଁ ଆଇନ୍ ପ୍ରଣୟନ କେତେଦୂର ଯଥାର୍ଥ ?

## ଗୋସମ୍ପଦ ଉପରେ ସାମ୍ବିଧାନିକ ବ୍ୟବସ୍ଥା

ଏକଥା ସତ, ସମ୍ବିଧାନର ଭାଗ-୪ (ରାଷ୍ଟ୍ରର ନୀତି ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶାବଳୀ) ଅନ୍ତର୍ଗତ ଧାରା-୪୮ରେ 'କୃଷି ଏବଂ ପଶୁ-ଉନ୍ନୟନକୁ ସଂଗଠିତ କରିବା' ଶିରୋନାମାରେ କୁହାଯାଇଛି ଯେ, ରାଷ୍ଟ୍ର କୃଷି ଓ ପଶୁସଂପଦକୁ ଆଧୁନିକ ଓ ବୈଜ୍ଞାନିକ ପ୍ରଣାଳୀରେ ସଂଗଠିତ କରିବ ଏବଂ ବିଶେଷକରି ଗାଈ, ବାଛୁରୀ ଏବଂ ଅନ୍ୟାନ୍ୟ ଦୁଗ୍ଧଦାୟୀ ଏବଂ ପରିବାହୀ ଗୋସମ୍ପଦର ପ୍ରଜାତିଗୁଡିକର ସଂରକ୍ଷଣ ଓ ବିକାଶ ଓ ସେଗୁଡିକର ହତ୍ୟାକୁ ନିଷେଧ କରିବା ଦିଗରେ ଉଦ୍ୟମ କରିବ । ପ୍ରଥମତଃ, ଆମେ ମନେ ରଖିବା ଉଚିତ୍, ଏହି ଧାରାଟି ଭାଗ-୩ ଅଧୀନସ୍ଥ ମୌଳିକ ଅଧିକାର ତାଲିକାର ଅନ୍ତର୍ଭୁକ୍ତ ନୁହେଁ, ବରଂ ନୀତି ପ୍ରଣୟନ କ୍ଷେତ୍ରରେ ଏକ ଐଚ୍ଛିକ ନିର୍ଦ୍ଦେଶିକା ମାତ୍ର, ଯାହାକୁ ଗୋଟିଏ କେନ୍ଦ୍ର ବା ରାଜ୍ୟ ସରକାର ନିଜର ସ୍ଥିତିକୁ ଚାହିଁ କାର୍ଯ୍ୟକାରୀ କରିପାରନ୍ତି ବା ନକରିପାରନ୍ତି । ଉଦାହରଣ ସ୍ୱରୂପ, ଏହି ଭଳି ଏକ ନୀତି-ନିର୍ଦ୍ଦେଶିକା (ଧାରା-୪୭)ରେ କୁହାଯାଇଛି ଯେ, ରାଷ୍ଟ୍ର ନିଶାଦ୍ରବ୍ୟର ଅପବ୍ୟବହାରକୁ ନିଷେଧ କରିବା ପାଇଁ ଉଦ୍ୟମ କରିବ । କିନ୍ତୁ ଦେଖାଯାଉଛି, ଆମ ରାଜ୍ୟର ବିଜେଡି-ବିଜେପି ମେଣ୍ଟ ସରକାର ନିଜେ ମଦନିଗମ ଖୋଲି ଦେଶୀ-ବିଦେଶୀ ମଦର ବ୍ୟାପକ ବ୍ୟବସାୟ ଚଳାଉଛନ୍ତି, ନିଷେଧ କରିବା ଦୂରର କଥା । ସୁତରାଂ, ଗୋଟିଏ ଦଳ ଯେ କି ଗୋଟିଏ ପଟରେ ନିଶା ସମ୍ବନ୍ଧୀତ ସାମ୍ବିଧାନିକ ନିର୍ଦ୍ଦେଶନାମାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛନ୍ତି, ଗୋବଧ ବ୍ୟାପାରରେ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଉ ବୋଲି ଦାବୀ କରିବା ପଛରେ କୌଣସି ନୈତିକ ଯଥାର୍ଥତା ଅଛିକି ?

## ଆଗେ ଗୋପାଳନ, ପଛେ ଗୋପୂଜନ

ଏହାପରେ ଆମେ ଲକ୍ଷ୍ୟକଲେ ଦେଖି ପାରିବା ଯେ, ଧାରା-୪୮ରେ ଦୁଇଟି କଥା କୁହାଯାଇଛି, ପ୍ରଥମଟି ହେଲା, ଗୋସମ୍ପଦର ସଂରକ୍ଷଣ ଓ ବିକାଶ ଓ ତା'ପରେ ଗୋହତ୍ୟା ନିରୋଧ । ପ୍ରଥମ ଲକ୍ଷ୍ୟ ପୂରଣ ଦିଗରେ ବର୍ତ୍ତମାନର ଓଡିଶା ସରକାର ହୁଅନ୍ତୁ ବା ଜାତୀୟ କି ରାଜ୍ୟ ସ୍ତରର ଯେ କୌଣସି ଦଳ ହୁଅନ୍ତୁ, ସେମାନେ ଗୋସମ୍ପଦର ବିକାଶ ପାଇଁ କ'ଣ କରିଛନ୍ତି ? ଭାରତବର୍ଷର ଯେ କୌଣସି ମହାନଗର କି ଛୋଟବଡ ସହରରେ ଆପଣ ଦେଖିପାରିବେ, ଅସ୍ଥିକଙ୍କାଳସାର ଗାଈବଳଦମାନେ ପ୍ଲାଷ୍ଟିକ୍ ଓ କାଗଜ ଖାଉଛନ୍ତି ଓ ନାଳନର୍ଦ୍ଦମାରୁ ପଚାପାଣି ପିଉଛନ୍ତି; ଆଉ ପୁଣି କେଉଁଠି ଦଳେ ପିଲା ରାଜରାସ୍ତା ଉପରେ ଷଣ୍ଢକୁ ଆଖିବୁଜା ବାଡେଇ ଚାଲିଛନ୍ତି । ଏହାଛଡା ଷଣ୍ଢ ନିରାକରଣ ପାଇଁ ପ୍ରତି ପୌରସଂସ୍ଥାର ଏକ ଅଲିଖିତ ଯୋଜନା

କାର୍ଯ୍ୟକାରୀ ହୋଇଥାଏ । ବୁଲାଷଣ୍ଢ ମାନଙ୍କୁ ସେମାନଙ୍କ ପାଇଁ ନିର୍ମିତ ଏକ ସ୍ୱତନ୍ତ୍ର ଭ୍ୟାନ୍‌ରେ ଭର୍ତ୍ତି କରି ବିଳମ୍ବିତ ରାତ୍ରିରେ ନିକଟସ୍ଥ ଜଙ୍ଗଲ ବା ନିଛାଟିଆ ସ୍ଥାନରେ ଛାଡିଦିଆ ହୁଏ । ସେମାନେ ସେଠି କିଛିଦିନ ବୁଲାଚଲା କରି ଅଧିକ ଖାଦ୍ୟ ଆଶାରେ ନିକଟସ୍ଥ ବଜାର ବା ଜନବସତିକୁ ଚାଲିଯାଇ ସେଠାରେ ପୁଣି ହାଙ୍ଗାମା ଆରମ୍ଭ କରିଦିଅନ୍ତି ଏବଂ ସେଠିକାର ସ୍ଥାନୀୟ କର୍ତ୍ତୃପକ୍ଷ ପୁଣି ସେହି ପୁରୁଣା ରୀତିରେ ସେମାନଙ୍କୁ ଆଉ ଗୋଟିଏ କର୍ତ୍ତୃପକ୍ଷଙ୍କ ଇଲାକାକୁ ରାତିଅଧିଆ ଅପସାରଣ କରିଦିଅନ୍ତି । ମଝିରେ ମଝିରେ ଷଣ୍ଢଭୁଷାରେ କେହିକେହି ଲୋକ ମୃତାହତ ହୋଇଥାଆନ୍ତି, ଓ ସେ କେଶ୍ ଜନସ୍ୱାର୍ଥ ମାମଲାର ରୂପ ନେଇ ହାଇକୋର୍ଟରେ ପହଞ୍ଚିଥାଏ । ହାଇକୋର୍ଟ ସ୍ଥାନୀୟ ପୌରସଂସ୍ଥାକୁ ଷଣ୍ଢ-ସନ୍ତ୍ରାସ ସମ୍ବନ୍ଧରେ ଜବାବ୍ ତଲବ କରନ୍ତି ଓ ପୁଣି ପୌରସଂସ୍ଥା ଅତି ତତ୍ପରତା ଦେଖାଇ ସେହି ଚିରାଚରିତ ପନ୍ଥାରେ ଷଣ୍ଢ-ଦମନ କାର୍ଯ୍ୟକ୍ରମରେ ଲାଗିପଡନ୍ତି । ପୁଣି ଗାଈ ବୁଢ଼ୀ ହୋଇଗଲେ କି ବଳଦ ହଡା ହୋଇଗଲେ, କେହି ବ୍ୟକ୍ତି ତାକୁ ଘରେ ପୋଷନ୍ତି ନାହିଁ, ବରଂ ଶୀଘ୍ର ତାକୁ ଗୋରୁହାଟରେ ବିକ୍ରୀ କରିବା ପାଇଁ ଉଛନ୍ନ ହୋଇପଡନ୍ତି । ଏକଥା ସେ ଭଲଭାବେ ଜାଣିଥାନ୍ତି ଯେ, ସେହି ଗୋରୁର ମାଂସ ଓ ଚମଡା ମଣିଷର କାମରେ ଆସିବ । ସରକାରଙ୍କ ତରଫରୁ ରୋଗିଣା, ବୁଢ଼ା ଓ ହଡା ଗୋରୁମାନଙ୍କ ଥଇଥାନ ପାଇଁ କିଛି ବ୍ୟବସ୍ଥା ଅଛି କି ? ଇଂରେଜ ଅମଳରୁ କେନ୍ଦ୍ରୀୟ ସ୍ତରରେ ଗୋରୁ ଅନୁପ୍ରବେଶ ଆଇନ୍ ୧୮୭୧ ଓ ସ୍ୱାଧୀନୋତ୍ତର କାଳରେ ଓଡିଶାରେ ଗୋରୁ ଓ କୁକ୍କୁଟ ଖାଦ୍ୟ (ନିୟନ୍ତ୍ରଣ) ଆଇନ୍ ୧୯୭୯ ବଳବତ୍ତର ଅଛି, କିନ୍ତୁ ଏଥିରେ ଗାଈଗୋରୁମାନଙ୍କ ଖାଦ୍ୟପେୟ ଓ ଯତ୍ନ ସମ୍ବନ୍ଧରେ କୌଣସି ବ୍ୟବସ୍ଥା ନାହିଁ । ଗୋରୁକୁ ମାତା ବୋଲି କହି ଭାରତବର୍ଷରେ ଓ ବିଶେଷ କରି ଓଡିଶାରେ ଗୋସମ୍ପଦ ପ୍ରତି ଯେଉଁ ଚରମ ହତାଦର ଘଟାଯାଉଛି, ତାହା ବାସ୍ତବିକ ପୃଥିବୀର ଅନ୍ୟ କେଉଁଠି ଦେଖିବାକୁ ମିଳିବନି । ବିନାୟକ ଦାମୋଦର ସଭାରକର (୧୮୮୩- ୧୯୬୬) ହିନ୍ଦୁମାନଙ୍କ ଭିତରେ ଗୋସମ୍ପଦ ପ୍ରତି ଏପ୍ରକାର ଭଣ୍ଡାମି ଲକ୍ଷ୍ୟ କରି କହିଥିଲେ ଯେ, ପ୍ରଥମେ ଗୋପାଳନ, ତା'ପରେ ଗୋପୂଜନ କରିପାର । ତାଙ୍କର ପୁଣି ପରାମର୍ଶ ଥିଲା, ଧର୍ମ ନାଁରେ ଅନ୍ଧବିଶ୍ୱାସ ପ୍ରଚାର ନକରି ଆମେରିକା ଭଳି ଆମକୁ ବୈଜ୍ଞାନିକ ଓ ବ୍ୟବସାୟିକ ଦୃଷ୍ଟିକୋଣରୁ ଗୋସମ୍ପଦ ବିକାଶର କାର୍ଯ୍ୟକ୍ରମ ହାତକୁ ନେବାକୁ ପଡିବ (ଦ୍ରଷ୍ଟବ୍ୟ - www.savarkar.org)

### ହିନ୍ଦୁଧର୍ମ ଓ ଗୋମାଂସ

ଏବେବି ପ୍ରଚାର କରାଯାଏ ଯେ, ଭାରତରେ ଗୋମାଂସ ଭକ୍ଷଣ କିମ୍ବା ଗୋବଧର ପରମ୍ପରା ନଥିଲା, ଏବଂ ଏହା ବାହାରୁ ମୁସଲ୍‌ମାନ ଓ ଖ୍ରୀଷ୍ଟୀୟାନ୍‌ମାନେ ଆଣିଛନ୍ତି । କିନ୍ତୁ ବୈଦିକ ଯୁଗରେ ବ୍ରାହ୍ମଣମାନଙ୍କ ପୌରୋହିତ୍ୟରେ ଚାରିଆଡେ ଗୋବଧ ଯଜ୍ଞ ଅନୁଷ୍ଠିତ ହେବା ଓ ଗୋମାଂସ ବ୍ରାହ୍ମଣମାନଙ୍କର ଏକ ପ୍ରିୟ ଖାଦ୍ୟ ଥିଲା ବୋଲି ବିଭିନ୍ନ ବେଦ, ସୂତ୍ର ଓ ଉପନିଷଦ୍‌ଗୁଡିକରୁ ତଥ୍ୟ ସଂଗ୍ରହ କରି ଡକ୍ଟର ବି.ଆର୍.ଆମ୍ବେଦକର (୧୮୯୧-୧୯୫୬) ତାଙ୍କର 'ଅଛବମାନେ' (୧୯୪୮) ପୁସ୍ତକରେ ପରିବେଷଣ କରିଛନ୍ତି । ସେ ପୁଣି ଦର୍ଶାଇଛନ୍ତି, ଏପରିକି ୨ୟ ଖ୍ରୀଷ୍ଟାବ୍ଦରେ ରଚିତ ମନୁ ସଂହିତାରେ କେତେକ ସ୍ଥଳରେ ଗୋମାଂସ ଭକ୍ଷଣକୁ ସୁପାରିଶ୍ କରାଯାଇଥିବା ବେଳେ, ଆଉ ଏକ ସ୍ଥାନରେ ଯଥାର୍ଥ କାରଣ ନଥାଇ ଗୋହତ୍ୟା କରିବାକୁ ଏକ ଲଘୁ ଅପରାଧ ବୋଲି ଦର୍ଶିତ ହୋଇଛି । ଆମ୍ବେଦକରଙ୍କ କହିବା ଅନୁଯାୟୀ, ବୌଦ୍ଧଧର୍ମରେ ଜାତିପ୍ରଥା ପ୍ରତି ବିରୁଦ୍ଧତା ତଥା ଗୋମାଂସ ପ୍ରତି ସଂଯତ ଅଥଚ ଉଦାରବାଦୀ ମନୋଭାବର ପ୍ରତିକ୍ରିୟା ସ୍ୱରୂପ, ସପ୍ତମ ଶତାବ୍ଦୀ ଆରମ୍ଭରେ ରକ୍ଷଣଶୀଳ ବ୍ରାହ୍ମଣବାଦୀ ଗୋଷ୍ଠୀ ଗୋଟିଏ ପଟରେ ନିଜ ପୁରାଣଶାସ୍ତ୍ରରେ ଅତିଶୂଦ୍ର ବା ଅଛୁଆଁ ଜାତିକୁ ଜନ୍ମଦେଲେ ଏବଂ ଅନ୍ୟପଟରେ ଏହି ଜାତିର ଲୋକେ ଗୋମାଂସ ଖାଉଥିବାରୁ ଗୋମାଂସକୁ ସଂପୂର୍ଣ୍ଣ ରୂପେ ବର୍ଜନ କଲେ । କିନ୍ତୁ ଏହାସତ୍ତ୍ୱେ ଗୋମାଂସକୁ କେନ୍ଦ୍ରକରି ସାଂପ୍ରଦାୟିକ ବିଦ୍ୱେଷ ବା ଦଙ୍ଗା ସୃଷ୍ଟି ହୋଇନଥିଲା । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇତିହାସ ଅଧ୍ୟାପକ ଦ୍ୱିଜେନ୍ଦ୍ର ନାରାୟଣ ଝା ତାଙ୍କର ପୁସ୍ତକ 'ପବିତ୍ର ଗାଈ, ଏକ ଅଳୀକ ବିଶ୍ୱାସ' (୨୦୦୧)ରେ ଦର୍ଶାଇଛନ୍ତି ଯେ, କେବଳ ଊନବିଂଶ ଶତାବ୍ଦୀରେ ହିଁ ଭାରତରେ ଉଗ୍ର ହିନ୍ଦୁତ୍ୱବାଦୀଙ୍କ ଦ୍ୱାରା ଗୋବଧ ନିରୋଧ ପାଇଁ ଦାବୀ ଉଠିବାର ପ୍ରକ୍ରିୟା ଆରମ୍ଭ ହେଲା । ଉଲ୍ଲେଖନୀୟ, ପ୍ରାଚୀନ ଭାରତର ସର୍ବଶ୍ରେଷ୍ଠ ଆୟୁର୍ବେଦ ଶାସ୍ତ୍ର ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ରଚିତ ଚରକ ସଂହିତାରେ 'ଅଥଃ ମାଂସ ବର୍ଗ' ଅଧ୍ୟାୟରେ ଅନ୍ୟାନ୍ୟ ବହୁ ପଶୁପକ୍ଷୀଙ୍କର ମାଂସ ସହିତ ଶୂକର, ଗୋରୁ ଓ ମଇଁଷି ମାଂସର ଗୁଣାବଳୀ ବର୍ଣ୍ଣନା କରାଯାଇଛି । ଏଥିରେ ବାତଜ ରୋଗ, ବିଷମ ଜ୍ୱର, ଅତିଶୟ କ୍ଳାନ୍ତି, ଶୁଖିଲା କାଶ, ଜଠରାଗ୍ନି-ବୃଦ୍ଧି ତଥା ରୁଗ୍‌ଣତା ଇତ୍ୟାଦି ରୋଗରେ ପୀଡିତ ବ୍ୟକ୍ତି ପାଇଁ ଗୋମାଂସ ଉପକାରୀ ହୋଇଥିବା ସ୍ଥଳେ ମଇଁଷି ମାଂସକୁ ଅତୀବ ତୃପ୍ତିକାରକ, ଉଷ୍ଣବୀର୍ଯ୍ୟ ଓ ପୁଷ୍ଟିକାରକ ବୋଲି ସୁପାରିଶ୍ କରାଯାଇଛି । ମନେହୁଏ, ପ୍ରାଚୀନ ଚରକଙ୍କ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସହିତ ଆଧୁନିକ ଯୁଗରେ 'ହିନ୍ଦୁତ୍ୱ'ର ପ୍ରବକ୍ତା ବୀର ସଭରକାରଙ୍କ ମନୋଭାବର ବେଶ୍ ମେଳ ରହିଛି । ସଭର୍‌କର କହିଛନ୍ତି, ଜଣେ ବ୍ୟକ୍ତି କ'ଣ ଖାଇବ ବା ପିଇବ, ତାହା ଏକ ଭେଷଜବିଜ୍ଞାନର ପ୍ରଶ୍ନ, ଧର୍ମର ନୁହେଁ । ଧର୍ମର ସ୍ଥାନ ହେଉଛି ହୃଦୟ, ପାକସ୍ଥଳୀ ନୁହେଁ । ପୁଣି ଯେଉଁ ସ୍ଥଳେ ଉଗ୍ର ଗୋରକ୍ଷା ଅଭିଯାନ ଦ୍ୱାରା ମାନବତାର କିଛି ଲାଭ ହେଉନି, ବରଂ କ୍ଷତି ଘଟୁଛି, ସେପରି ସ୍ଥଳେ ତାହା ପରିତ୍ୟଜ୍ୟ ( ଦ୍ରଷ୍ଟବ୍ୟ- ସମଗ୍ର ସଭରକର ବାଙ୍ମୟ, ୩ୟ ଖଣ୍ଡ, ୧୯୩୭) । ଏକଥା ସତ, ବର୍ତ୍ତମାନ ହିନ୍ଦୁଧର୍ମର ଗୋଟିଏ ବିରାଟ ଗୋଷ୍ଠୀ ନିଜର ଧାର୍ମିକ ବିଶ୍ୱାସରୁ ଗୋମାଂସ ଖାଆନ୍ତି ନାହିଁ । କିନ୍ତୁ ସାରାଦେଶରେ ଓ ଆମ ରାଜ୍ୟରେ ହିନ୍ଦୁଧର୍ମାବଲମ୍ବୀ ବହୁ ଦଳିତ ଗୋଷ୍ଠୀଙ୍କ ସହ ଅନେକ ଆଦିବାସୀ ଗୋଷ୍ଠୀ ଗୋମାଂସ ଖାଇଥାନ୍ତି । କେରଳରେ ୭୨ଟି ହିନ୍ଦୁ ଗୋଷ୍ଠୀଙ୍କ ସମେତ ତିନିଚତୁର୍ଥାଂଶ ଲୋକେ ଗୋମାଂସ ଖାଇଥାନ୍ତି । ସୁତରାଂ ସମଗ୍ର ହିନ୍ଦୁ ଜାତି ଗୋମାଂସ ଖାଆନ୍ତି ନାହିଁ ବୋଲି ଦାବୀ କରିବା ଯେତିକି ଭୁଲ୍, ସେହି କାରଣରୁ ଗୋବଧ ନିରୋଧ ପାଇଁ ଆମ ପ୍ରଦେଶରେ ଏକ ନୂଆ ଆଇନ୍ ପ୍ରଣୟନ ପାଇଁ ଦାବୀ କରିବା ସେତିକି ଭୁଲ୍ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, 6th Sept. 2008